REGIONAL NEWS UNIT, AIR CUTTACK

Mid-day Bulletin (2.32PM)

4 November – 2026

****

ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାରେ ଦେଶବ୍ୟାପୀ ଲଗାଯାଇଛି ୬୫ ଲକ୍ଷ ସୌର ପ୍ୟାନେଲ
- ଗଞ୍ଜାମ ଜିଲ୍ଲାରେ ବାତ୍ୟା ଓ ବନ୍ୟା ପରବର୍ତ୍ତୀ କ୍ଷୟକ୍ଷତିର ସମୀକ୍ଷା କରୁଛନ୍ତି ୮ ଜଣିଆ ଆନ୍ତଃ ମନ୍ତ୍ରଣାଳୟ କେନ୍ଦ୍ରୀୟ ଦଳ
- କୋଟିଆ ପଞ୍ଚାୟତରେ ଆନ୍ଧ୍ରର ନିର୍ବାଚନ ଉଦ୍ୟମକୁ ବିଫଳ କରିବା ଲାଗି ସରକାର ଚେଷ୍ଟା ଜାରି ରଖିଛନ୍ତି; କହିଲେ ରାଜସ୍ୱ ମନ୍ତ୍ରୀ

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୧୯ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

Engslih Pool

ଯୋଶୀ ସୋଲାର

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଅଧୀନରେ ୧୦୪ ଦିନ ମଧ୍ୟରେ ଦେଶବ୍ୟାପୀ ୬୫ ଲକ୍ଷ ଛାତ ଉପରେ ସୌର ପ୍ୟାନେଲ ଲଗାଯାଇଛି। ନୂଆଦିଲ୍ଲୀରେ ବିଶ୍ୱ ଶକ୍ତି ପରିବର୍ତ୍ତନ କ୍ଷେତ୍ରରେ ଭାରତର ନବୀକରଣୀୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ –୨୦୨୬ର ଏକ ଅଧିବେଶନକୁ ସମ୍ବୋଧନ କରି ନୂତନ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, ଦେଶରେ ଏହି ଯୋଜନା କାର୍ଯ୍ୟକାରୀ ହେବା ପରଠାରୁ ସ୍ୱଚ୍ଛଶକ୍ତି କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ପରିଲକ୍ଷିତ ହୋଇଛି। ପ୍ରତ୍ୟେକ ୬ ଦିନରେ ୧ ଲକ୍ଷରୁ ଅଧିକ ଛାତ ଉପରେ ସୌରଶକ୍ତି ବ୍ୟବସ୍ଥା ସ୍ଥାପନ କରାଯାଉଛି। ସ୍ୱଚ୍ଛ ଏବଂ ନବୀକରଣୀୟ ଶକ୍ତି ଦିଗରେ ଦେଶବାସୀଙ୍କର ସକ୍ରିୟ ଅଂଶଗ୍ରହଣକୁ ଏହା ପ୍ରତିପାଦନ କରୁଛି ବୋଲି ସେ କହିଛନ୍ତି । ଏପର୍ଯ୍ୟନ୍ତ ଦେଶର ଅଣଜୀବାଶ୍ମ ସ୍ଥାପିତ କ୍ଷମତା ୩୧୦ ଗିଗାୱାଟ୍‌ରେ ପହଞ୍ଚିଛି । ସେଥିମଧ୍ୟରୁ ୧୭୨ ଗିଗାୱାଟ୍ ସୌରଶକ୍ତି ଅନ୍ତର୍ଭୁକ୍ତ ।

Ganjam

କେନ୍ଦ୍ରୀୟ ଟିମ୍ ପରିଦର୍ଶନ

ବାତ୍ୟା ‘ଓର୍ଣ୍ଣବ’ ଯୋଗୁଁ ଗଞ୍ଜାମ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ଅନୁଧାନ କରିବା ଲାଗି ୮ ଜଣିଆ ଆନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ନଦୀବନ୍ଧ ଭାଙ୍ଗିଥିବା ଅଞ୍ଚଳ

ସହ ରାସ୍ତା ଓ ଧୋଇଯାଇଥିବା ପୋଲକୁ ସେମାନେ ବୁଲି ଦେଖିଛନ୍ତି। ଚାଷଜମିଠାରୁ ଆରମ୍ଭ କରି ଜଳସେଚନ ପ୍ରକଳ୍ପ, ସରକାରୀ ଓ ଜନସାଧାରଣଙ୍କ ସମ୍ପତ୍ତିର କ୍ଷୟକ୍ଷତି ଆକଳନ କରିଛନ୍ତି।

ଆଜି ସକାଳ ୮ଟାରେ ଗୋପାଳପୁର ସର୍କିଟ ହାଉସରୁ କେନ୍ଦ୍ରୀୟ ଟିମ୍ ବାହାରି ପ୍ରଥମେ ପୁରୁଷୋତ୍ତମପୁର ବ୍ଲକର ଅଚୁଲି ଗାଁରେ ପହଁଞ୍ଚି କ୍ଷତିଗ୍ରସ୍ତ ହୋଇଥିବା ନଦୀବନ୍ଧ, ବାଲି ଚରିଯାଇଥିବା ଚାଷଜମି ଏବଂ ଉଠାଜଳସେଚନ ପ୍ରକଳ୍ପର କ୍ଷୟକ୍ଷତି ଅନୁଧାନ କରିଛନ୍ତି। ଏହାପରେ ହାଣ୍ଡିଘର ଗାଁରେ ପହଁଞ୍ଚି ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା, ବିଦ୍ୟୁତ ଖୁଣ୍ଟ ଓ ଉଦ୍ୟାନ ଫସଲର କ୍ଷୟକ୍ଷତି ଦେଖିବେ। ସେହିପରି ହୀରାଧରବାଟି ଜଳସେଚନ ପ୍ରକଳ୍ପର ଭିତ୍ତିଭୂମି ଓ ଆନିକଟର କ୍ଷତି ଆକଳନ କରିବାର କାର୍ଯ୍ୟସୂଚୀ ରହିଛି। ସେହିପରି ହିଞ୍ଜିଳିକାଟୁ ବ୍ଲକର ଘୋଡ଼ାହାଡ଼ ବ୍ରିଜ୍‌ରେ ଜୟମଙ୍ଗଳ ଜଳସେଚନ ପ୍ରଣାଳୀର ଏସ୍‌କେପ୍ ଚ୍ୟାନେଲର କ୍ଷୟକ୍ଷତି ଅନୁଧାନ କରିବା ସହ ଆସିକା ଏନ୍.ଏ.ସି.ର ଲକ୍ଷ୍ମୀ ବଜାରରେ ଆସିକା ଉପଖଣ୍ଡ ଚିକିତ୍ସାଳୟ ଓ ବାଣିଜ୍ୟିକ ପ୍ରତିଷ୍ଠାନର କ୍ଷୟକ୍ଷତି ତଦାରଖ କରିବାର ସୂଚନା ମିଳିଛି। ଆସିକା ଓ ଧରାକୋଟ ବ୍ଲକର ବିଭିନ୍ନ ଅଞ୍ଚଳ ମଧ୍ୟ କେନ୍ଦ୍ରୀୟ ଟିମ୍ ବୁଲି ଦେଖିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

Desk

କୋଟିଆ ନିର୍ବାଚନ ବିବାଦ

କୋରାପୁଟ ଜିଲ୍ଲା କୋଟିଆ ପଞ୍ଚାୟତରେ ଆନ୍ଧ୍ରର ନିର୍ବାଚନ ଉଦ୍ୟମକୁ ବିଫଳ କରିବା ପାଇଁ ସରକାର ଚେଷ୍ଟା ଜାରି ରଖିଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସୁପ୍ରିମକୋର୍ଟଙ୍କ ରହିତାଦେଶକୁ ଅବମାନନା କରି ଆନ୍ଧ୍ରର ଅଧିକାରୀମାନେ ବଳପୂର୍ବକ ଭାବେ କୋଟିଆର ଜନସାଧାରଣଙ୍କୁ ପ୍ରଲୋଭିତ କରୁଛନ୍ତି। ସେହି କାର୍ଯ୍ୟରୁ ନିବୃତ ରଖିବା ପାଇଁ ଓଡ଼ିଶା ସରକାର ପୂର୍ବରୁ ୭ ପ୍ଲାଟୁନ୍ ପୁଲିସ ଫୋର୍ସ ପଠାଇଥିବାବେଳେ ବର୍ତ୍ତମାନ ଅତିରିକ୍ତ ୮ ପ୍ଲାଟୁନ୍ ସୁରକ୍ଷା ବଳ ସମ୍ପୃକ୍ତ ଅଞ୍ଚଳକୁ ପଠାଇଛନ୍ତି। କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆନ୍ଧ୍ର ସହ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ଦାବି ରଖାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

- V/O -

କୋଟିଆକୁ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗଭାବେ ରଖିବା ପାଇଁ ସମସ୍ତ ଦଳର ନେତୃବୃନ୍ଦ ଏକତ୍ର କାର୍ଯ୍ୟ କରୁଛନ୍ତି। ଏଥିସହିତ ଅନ୍ୟ ଯେଉଁ ସ୍ଥାନରେ ସୀମାବିବାଦ ଲାଗି ରହିଛି, ସେହି ଅଞ୍ଚଳ ଉପରେ ସରକାର ନଜର ରଖିଛନ୍ତି ବୋଲି ଶ୍ରୀ ପୂଜାରୀ କହିଛନ୍ତି।

Desk

ଡାକ୍ତର ଅଶୋକ ମହାପାତ୍ରଙ୍କ ପରଲୋକ

ବିଶିଷ୍ଟ ସ୍ନାୟୁ ଶଲ୍ୟ ବିଶେଷଜ୍ଞ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କର ଆଜି ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ

ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଗତ ସୋମବାର ରାତିରେ ୭୪ ବର୍ଷ ବୟସରେ ଡାକ୍ତର ମହାପାତ୍ର ଶେଷନିଶ୍ୱାସ ତ୍ୟାଗ କରିଥିଲେ। ଭୁବନେଶ୍ୱର ଏମ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା ନୂଆଦିଲ୍ଲୀ ଏମ୍ସର ସ୍ନାୟୁ ଶଲ୍ୟ ବିଭାଗର ପ୍ରାକ୍ତନ ମୁଖ୍ୟ ଭାବେ ତାଙ୍କର ଅସାଧାରଣ ଦକ୍ଷତା, ଚିକିତ୍ସା ଶିକ୍ଷାର ବିକାଶ ଏବଂ ଗବେଷଣା ପ୍ରତି ଅବଦାନ ତାଙ୍କୁ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ୧୯୫୨ ମସିହା ଡିସେମ୍ବର ୨୯ ତାରିଖରେ ପୁରୀ ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଡାକ୍ତର ମହାପାତ୍ର କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-ବଳିଆଙ୍କୁ ଅଲଗା କରିବାର ଐତିହାସିକ ଅସ୍ତ୍ରୋପଚାରର ନେତୃତ୍ୱ ତାଙ୍କୁ ଦେଶବିଦେଶରେ ପରିଚିତ କରାଇଥିଲା ।

Desk

ବାତ୍ୟା

ବାତ୍ୟା ମୁରାସୁ ଆନ୍ଧ୍ର ପ୍ରଦେଶର ଦକ୍ଷିଣ ଉପକୂଳ ସ୍ପର୍ଶ କରିବା ପରେ ଆହୁରି ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହୋଇଛି । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ଲାଗିରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଅନ୍ୟ ୧୭ଟି ଜିଲ୍ଲାରେ ବିଜୁଳି

ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ବାତ୍ୟା ମୁରାସୁ ପ୍ରଭାବରେ ନବରଙ୍ଗପୁର ଜିଲ୍ଲାରେ ଆଜି ବର୍ଷା ଲାଗି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ଓ ବନ୍ୟା ପ୍ରବଣ ଅଞ୍ଚଳଗୁଡ଼ିକରେ ସତର୍କ ସୂଚନା ଜାରି କରାଯାଇଛି। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ଚାଷୀମାନେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଧାନ ନକାଟିବାକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମନୋଜ ପାଢ଼ି ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ କଟାଯାଇଥିବା ଶସ୍ୟକୁ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ପରାମର୍ଶ ଦିଆଯାଇଛି।

Bhadrak

ଶିଶୁ ଶ୍ରମ ମୁକ୍ତ ପଞ୍ଚାୟତ

ଭଦ୍ରକ ଜିଲ୍ଲାରେ ଶିଶୁ ଶ୍ରମ ମୁକ୍ତ ପଞ୍ଚାୟତ ଗଠନ ପାଇଁ ୪୪ ଦିନିଆ ଅଭିଯାନ ଆରମ୍ଭ ହୋଇଛି। ସଚେତନତା ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲା ଶ୍ରମ ବିଭାଗ ଓ ଶିକ୍ଷା ବିଭାଗ ପକ୍ଷରୁ ଭଦ୍ରକ ସରକାରୀ ଉଚ୍ଚବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ଶିଶୁ ପ୍ରତିଭା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୭ଟି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶତାଧିକ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିବାବେଳେ ଶ୍ରମ ଅଧିକାରୀ ଯୋଗଦେଇ ଶିଶୁର ଭବିଷ୍ୟତ ଓ ଶିଶୁ ଶ୍ରମମୁକ୍ତ ସମାଜ ଗଠନ ଉପରେ ଆଲୋକପାତ କରିଛନ୍ତି।

Desk

ମହକ ଉତ୍ସବ

ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଶିଶୁମାନଙ୍କ ଅନ୍ତର୍ନିହିତ କଳା, ଅନନ୍ୟ ଦକ୍ଷତା, ଆତ୍ମବିଶ୍ୱାସ ଓ କଳାତ୍ମକ ଅଭିବ୍ୟକ୍ତି ଏବଂ କ୍ରୀଡ଼ାର ବିକାଶକୁ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ଲୋକପ୍ରିୟ କରିବା ଲକ୍ଷ୍ୟ ନେଇ କଳିଙ୍ଗ ଷ୍ଟାଡିୟମ୍‌ଠାରେ ରାଜ୍ୟସ୍ତରୀୟ ମହକ ଓ ଉତ୍ସାହ କାର୍ଯ୍ୟକ୍ରମ ଚାଲିଛି ।

ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଥିବା ଏହି କାର୍ଯ୍ୟକ୍ରମରେ ଶିଶୁମାନଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, ଚିତ୍ରକଳା, ବିତର୍କ ଏବଂ କୁଇଜ୍ ଭଳି ବିଭିନ୍ନ ସାଂସ୍କୃତିକ ପ୍ରତିଭା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଆଜି ମହକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ । ଆସନ୍ତାକାଲିଠାରୁ ତିନିଦିନିଆ ଉତ୍ସାହ କାର୍ଯ୍ୟକ୍ରମ ଆରମ୍ଭ ହେବ ।

DHNKL

ଭସାଣୀ ଉତ୍ସବ

ଢେଙ୍କାନାଳରେ ପ୍ରସିଦ୍ଧ ମା’ ଲକ୍ଷ୍ମୀଙ୍କ ଭସାଣୀ ଉତ୍ସବ ଆଜି ସକାଳ ୧୦ଟାରୁ ଆରମ୍ଭ ହୋଇଛି । ୪୧ଟି ମେଢ଼ ମଧ୍ୟରୁ ୩୫ଟି ମେଢ଼ ମିଳିତ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଛନ୍ତି । ଭସାଣୀ ଉତ୍ସବ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ପ୍ରବଳ ଜନସମାଗମ ହୋଇଛି । ଶାନ୍ତିଶୃଙ୍ଖଳାର ସହ ଏହାକୁ ସମାପନ କରିବା ଲାଗି ୨୫ ପ୍ଲାଟୁନ୍ ପୁଲିସ ମୁତୟନ ହୋଇଛନ୍ତି ।

ମୀନାବଜାରରୁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପୂଜା କାର୍ଯ୍ୟ କରିବା ପରେ ଭସାଣୀ ଉତ୍ସବର ଶୁଭାରମ୍ଭ ହୋଇଥିଲା । କାଠଶଙ୍ଖଠାରେ ଦେବୀଙ୍କ ବିସର୍ଜନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି ।

ଗଜଲକ୍ଷ୍ମୀ ପୂଜା ଅବସରରେ ଆୟୋଜିତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଗତକାଲି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ମେଳାରେ ୫ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି । ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳର କାରିଗର, ଉଦ୍ୟୋଗୀ ଓ ସ୍ୱୟଂସହାୟକ ଗୋଷ୍ଠୀ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ସହ ବିକ୍ରିବଟା କରିଛନ୍ତି ।

Puri

ବନକଲାଗି

କାର୍ତ୍ତିକ କୃଷ୍ଣ ଦଶମୀ ତିଥିରେ ଆଜି ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜିଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

Kalahandi

ପୂର୍ବତନ ସାଂସଦଙ୍କ ପରଲୋକ

ଓଡ଼ିଶାର ପୂର୍ବତନ କୃଷି ମନ୍ତ୍ରୀ ତଥା କଳାହାଣ୍ଡିର ପୂର୍ବତନ ସାଂସଦ ରାସବିହାରୀ ବେହେରାଙ୍କ ୮୮ ବର୍ଷ ବୟସରେ ଆଜି ପରଲୋକ ହୋଇଯାଇଛି । ୧୯୩୮ ମସିହା ଏପ୍ରିଲ ମାସ ୧୨ ତାରିଖରେ ଜୁନାଗଡ଼

ବ୍ଲକ ମହିଚଳା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ବେହେରାଙ୍କ ରାଜନୈତିକ ଜୀବନ ବେଶ୍ ଦୀର୍ଘ ଓ ଉଲ୍ଲେଖନୀୟ ଥିଲା । ସେ କୋକସରା ବିଧାନସଭା ଆସନରୁ ଦୁଇଥର ବିଧାୟକଭାବେ ନିର୍ବାଚିତ ହୋଇଥିଲେ । ୧୯୮୦ ମସିହାରେ ସେ କଳାହାଣ୍ଡି ଲୋକସଭା ଆସନରୁ ନିର୍ବାଚିତ ହୋଇ ସଂସଦରେ ଅଞ୍ଚଳର ପ୍ରତିନିଧିତ୍ୱ କରିଥିଲେ । ଶ୍ରୀ ବେହେରା ଭାରତୀୟ ଜାତୀୟ କଂଗ୍ରେସର ସକ୍ରିୟ ସଦସ୍ୟଭାବେ ନିଜ ରାଜନୈତିକ ଜୀବନ ଆରମ୍ଭ କରି ଦୀର୍ଘ ଦଶନ୍ଧି ଧରି ଜନସେବା ସହ ଜଡ଼ିତ ରହିଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକପ୍ରକାଶ ପାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ପରଲୋକରେ ଶୋକବ୍ୟକ୍ତ କରି କହିଛନ୍ତି, ଜନପ୍ରତିନିଧିଭାବେ ଦୀର୍ଘଦିନ ଧରି ଲୋକଙ୍କ ସେବା ଓ ଅଞ୍ଚଳର ବିକାଶରେ ଶ୍ରୀ ବେହେରାଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ।

ଶ୍ରୀ ବେହେରାଙ୍କ ପରଲୋକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

IPR

ହବିଷ୍ୟାଳୀ

ଚଳିତ ବର୍ଷ ପୁରୀରେ ଆୟୋଜିତ କାର୍ତ୍ତିକମାସ ହବିଷ୍ୟାଳୀ ବ୍ରତପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩ କୋଟି ୩୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ହବିଷ୍ୟାଳୀମାନଙ୍କୁ ସମସ୍ତ ପ୍ରକାର ସୁବିଧା ଏବଂ ସହଯୋଗ ପ୍ରଦାନ ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ।

Desk

ରଣଜୀ ଟ୍ରଫି

ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ଭୁବନେଶ୍ୱରଠାରେ ତୃତୀୟ ଦିନ ରଣଜୀ ଟ୍ରଫି କ୍ରିକେଟ୍ ମ୍ୟାଚ୍ ଚାଲିଛି। ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଓଡ଼ିଶା କୌଣସି ୱିକେଟ ନ ହରାଇ ୨୩ ରନ୍ ସଂଗ୍ରହ କରିଛି।